# Akashvani, Sambalpur

## SAMBALPURI NEWS BULLETIN

### 14 August 2024- 6.47- 6.52 am.

*******************************************

ରାଷ୍ଟ୍ରପତି- ସମ୍ବୋଧନ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୭୮ ନମ୍ବର୍ ସ୍ୱାଧୀନତା ଦିବସ୍ ଅବ୍‌ସରେ ଆଏଜ୍ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇଟା ସଞ୍ଜ୍‌ବେଲର୍ ୭ ବଜେ ଆକାଶ୍‌ବାଣୀ ଆର୍ ଦୂର୍‌ଦର୍ଶନ୍‌ର ସବୁ ଚେନାଲ୍‌ଥି ହିନ୍ଦୀ ଆର୍ ଇଂଲିଶ୍ ଭାଷାଥି ପ୍ରସାରଣ୍ ହେବା । ଇତାର୍‌ଉତ୍‌ରୁ ଓଡ଼ିଆ ସହେତେ ଅଲ୍‌ଗା ଆଂଚଲିକ୍ ଭାଷାଥି ରାତି ସାଢ଼େ ୯ ବଜେ ପ୍ରସାରଣ୍ ହେବା ବଲି ସୂଚ୍‌ନା ମିଲିଛେ ।

ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶାର୍ ସଡ଼କ୍ ଭିତିଭୂମିର୍ ବିକାଶ୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କେନ୍ଦ୍ର ସଡ଼କ ପରିବହନ୍ ମନ୍ତ୍ରୀ ନିତୀନ୍ ଗଡ୍‌କରୀଙ୍କର୍ ସାଙ୍ଗେ ଆଲୋଚନା କରିଛନ୍ । ନୂଆଦିଲ୍ଲୀ ଭାରତ୍

ମଣ୍ଡପମ୍ ନ ହେଇଥିବା ବୈଠକ୍‌ଥି ଓଡ଼ିଶାର୍ ରାସ୍ତାର୍ ବିକାଶ୍ ଲାଗି ୭୫ ହଜାର୍ କୋଟି ଟଙ୍କାର୍ ପ୍ରସ୍ତାବ୍ ଉପ୍‌ରେ ଆଲୋଚନା ହେଇଛେ । ଆଲୋଚନା ଉତ୍‌ରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ଯେ, ରାଏଜେ ତିଆରି ହେଉଥିବା ଆର୍ ଅନୁମୋଦନ୍ ଅପେକ୍ଷାଥି ଥିବା ୨୧ ହଜାର୍ ୬ ଶହ ୫୦ କୋଟି ଟଙ୍କାର ପ୍ରକଳ୍ପ ରୋଡ଼୍ ଆର୍ ଅଲ୍‌ଗା ପ୍ରକଳ୍ପ ତିଆରି ଲାଗି ୫୨ ହଜାର୍ କୋଟି ଟଙ୍କାର୍ ପ୍ରସ୍ତାବ୍ ଦିଆଯାଇଛେ । ବୈଠକ୍‌ଥି ଭୁବ୍‌ନେଶ୍ୱର୍-ପୁରୀ ଜାତୀୟ ରାଜପଥକେ ୬ ଲେନ୍ କର୍‌ବାର୍ ଲାଗି ନିଷ୍ପତି ନିଆଯାଇଛେ । ଇଥିର୍‌ଲାଗି ୧୮ ଶହ କୋଟି ଟଙ୍କା ଖର୍ଚ୍ଚା ହେବା । ସେନ୍ତା ୨ ଶହ କିଲୋମିଟର୍ ଲମ୍ବାର ଚଣ୍ଡିଖୋଲ୍- ବଡ଼ବିଲ୍ ଜାତୀୟ ରାଜପଥ ଲାଗି ୧୦ ହଜାର୍ କୋଟି, ୪୬ କିଲୋମିଟର୍ ଲମ୍ବା କେସିଙ୍ଗା- ଜୁନାଗଡ଼୍ ଜାତୀୟ ରାଜପଥ ଲାଗି ୧ ହଜାର୍ କୋଟି, ୫୪ କିଲୋମିଟର୍ ଲମ୍ବା ଖୋର୍ଦ୍ଧା- ନୟାଗଡ଼୍ ୪ ଥାକିଆ ରାସ୍ତା ପ୍ରକଳ୍ପ ଲାଗି ୧୧ ଶହ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛେ । ଇ ୧୫ ହଜାର୍ କୋଟି ଟଙ୍କାର ସବୁ ପ୍ରକଳ୍ପକେ ସହମତି ମିଳିଛେ ଆର୍ ପ୍ରକଳ୍ପମାନ୍‌କର୍ ଡିପିଆର୍ ତିଆର୍ କର୍‌ବାର୍ ଲାଗି ନିଷ୍ପତି ନିଆଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ସେନ୍ତା ଅଟଳ ଏକ୍ସପ୍ରେସ୍ ଓ୍ୱେ ଅଧୀନ୍‌ଥି ୯ ଶହ ୬୯ କିଲୋମିଟର୍ ଲମ୍ବାର ମୋଟୁ-ତିରିଙ୍ଗି ପ୍ରକଳ୍ପ ଆର୍ ପଶ୍ଚିମ - ପୂର୍ବ

ସଂଯୋଗୀକରଣ୍ କରିଡ଼ର୍ ଲାଗି ପାଖାପାଖ୍ି ୧୫ ହଜାର୍ କୋଟି ଟଙ୍କା ଖର୍ଚ୍ଚା କରାଯିବା । ଇ କରିଡ଼ର୍ ୯ ଟା ଜିଲ୍ଲା ଦେଇକରି ଯିବା ବଲି ସୂଚ୍ନା ମିଳିଛେ ।

ବିଜ୍ଲି ବିଲ୍- ପୋର୍ଟାଲ୍ ଆର୍ଏନ୍ୟୁ /ସମ୍ବଲପୁର

ଗାଁଗହଲି ଆର୍ ପଂଚାୟତ୍ମାନ୍କେ ବିଜ୍ଲି ବିଲ୍ ଦେବାର୍ ପ୍ରକ୍ରିୟାକେ ରାଜ୍ୟ ସର୍କାର୍ ସହଜ୍ କରିଛନ୍ । ଇଥିର୍ଲାଗି ଗଭର୍ଣ୍ମେଂଟ୍ କଞ୍ଜ୍ୟୁମର୍ ମେନେଜ୍ମେଂଟ୍ ସିଷ୍ଟମ୍ ନାଁର୍ ଗୁଟେ ପୋର୍ଟାଲ୍ ଆର୍ ମୋବାଇଲ୍ ଆପ୍ଲିକେସନ୍କେ ବିକଶିତ୍ କରାଯାଇଛେ । ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆର୍ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଗଲାକାଏଲ୍ ଇ ସେବାକେ ଲୋକାର୍ପଣ୍ କରିଛନ୍ ।

ଇ-ଗଭର୍ଣ୍ଣାନ୍ସ କେନ୍ଦ୍ର- ଉଦ୍ଘାଟନ୍ ଆର୍ଏନ୍ୟୁ /ସମ୍ବଲପୁର

ଭୁବ୍ନେଶ୍ୱର୍ର ରାଜ୍ୟ ଗ୍ରାମ୍ୟ ଉନ୍ନୟନ୍ ଆଉ ପଂଚାୟତିରାଜ୍ ପ୍ରତିଷ୍ଠାନ୍ଥି ନୂଆଁକରି ତିଆର୍ ହେଇଥିବା ଇ-ଗଭର୍ଣ୍ଣାନ୍ସ କେନ୍ଦ୍ରକେ ବିଭାଗୀୟ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ ଗଲାକାଏଲ୍

ଉଦ୍‌ଘାଟନ୍ କରିଛନ୍ । ଇ ସମିଆଥି ସେନ ଉପସ୍ଥିତ୍ ଥିବା ଶିକ୍ଷାନବୀଶ ପଂଚାୟତ୍ କାର୍ଯ୍ୟନିର୍ବାହୀ ଅଧିକାରୀମାନ୍‌କୁ ଲୁକ୍‌କର୍ ପାଖେ ସବୁ ସର୍‌କାରୀ ସୁବିଧା ଯେନ୍ତା ପୁହୁଁଚିବା ସେଥିର୍‌ଲାଗି କାମ୍ କର୍‌ବାର୍‌କେ ମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ପି.ଏମ୍. ପୋଷଣ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ପି.ଏମ୍. ପୋଷଣ୍ ଯୋଜ୍‌ନା ଅଧୀନ୍‌ଥି ସ୍କୁଲ୍ ଛାତ୍ରଛାତ୍ରୀମାନ୍‌କୁ ପୁଷ୍ଟିକର ମଧ୍ୟାହ୍ନ ଭୋଜନ୍ ଯୁଗେଇ ଦେବାର୍ ଲାଗି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ଖାସ୍ ପଦକ୍ଷେପ୍ ନେଇଛନ୍ । ପି.ଏମ୍. ପୋଷଣ୍ ଚାଉଳ ଯୋଗାଣଥି ହେଉଥିବା ଅବ୍ୟବସ୍ଥାର୍ ମୁକାବିଲା କର୍‌ବାର୍ ଲାଗି ବିଭାଗ୍ ତର୍‌ଫୁ ସବୁ ଜିଲ୍ଲାକେ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛେ । ମାର୍ଗଦର୍ଶିକାଥି କୁହାଯାଇଛେ ଯେ, ଜିଲ୍ଲାପାଳ୍‌ଙ୍କର୍ ତର୍‌ଫୁ ସ୍ୱିକୃତୀ ପାଇଥିବା ମଧ୍ୟାହ୍ନ ଭୋଜନ ଚାଉଲ୍ ପରିବହନ୍ କଂଟ୍ରାକ୍ଟର୍ ଜିଲ୍ଲା ଶିକ୍ଷା ଅଧିକାରୀଙ୍କର୍‌ନୁ ଚାଉଲ୍ ବିତରଣ୍ ବାବ୍‌ଦେ ବିବରଣୀ ନେବେ । ଇତାର୍‌ଉତ୍‌ରୁ ନିଜର୍ ପରିବହନ୍ ଗାଡ଼ିଥି ଖାଦ୍ୟ ଯୋଗାଣ ନିଗମ୍‌ନୁ ପୋଷଣଯୁକ୍ତ ଚାଉଲ୍ ଆନିକରି ସିଧାସଲଖ୍ ସ୍କୁଲ୍‌ମାନ୍‌କେ ପୁହୁଁଚାବାର୍‌କେ କୁହାଯାଇଛେ । ପି.ଏମ୍. ପୋଷଣ୍ ନେଉଥିବା

ଅଧିକାରୀମାନେ ଚାଉଲ୍‌ର ପରିମାଣ୍ ଆଉ ମାନ ଯାଂଚ୍ କର୍‌ବେ ।

ମନୋଜ ଆହୁଜା           ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟ ଶାସନ୍ ସଚିବ ମନୋଜ ଆହୁଜାଙ୍କୁ ଶ୍ରୀଜଗନ୍ନାଥ ମନ୍ଦିର୍ ପରିଚାଲନା କମିଟିର୍ କାର୍ଯ୍ୟକାରୀ ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମିଲିଛେ । ଆଘୋନୁ ତାଙ୍କୁ ସାଧାରଣ ପ୍ରଶାସନ୍ ବିଭାଗ୍‌ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା । ଇତାକେ ନେଇକରି ଆଇନ୍ ବିଭାଗ୍ ତର୍‌ଫୁ ଗୁଟେ ବିଜ୍ଞପ୍ତି ବାହାରିଛେ ।

ବାଲାଷ୍ଟ ବିହୀନ ଟ୍ରାକ୍ ପ୍ରଯୁକ୍ତି ବିଦ୍ୟା      ଆର୍‌ଏନ୍‌ୟୁ /ସମ୍ବଲପୁର

ଏତ୍‌କେ ଟନେଲ୍ କାମ୍ କର୍‌ବାର୍ ବେଲେ ଉନ୍ନତ ମାନର ବାଲାଷ୍ଟ ବିହୀନ ଟ୍ରାକ୍ ପ୍ରଯୁକ୍ତି ବିଦ୍ୟାର ବେଭାର୍ କରାଯିବା ବଲି ପୂର୍ବତଟ ରେଲ୍‌ପଥ ତର୍‌ଫୁ ସୂଚ୍‌ନା ମିଲିଛେ । ଯେନ୍‌ଟା କୋରାପୁଟ-ସିଙ୍ଗାପୁର୍ ରୋଡ୍ ଦୋହରିକରଣ୍ ପ୍ରକଳ୍ପର୍ ବାଇଗୁଡ଼ା-

କାକିରିଗୁମା ଷ୍ଟେସନ୍ ଭିତ୍ରେ ଲାଗୁ ହେଇଛେ । ଇ ପଦ୍ଧତି ଲାଗୁ ହେବାର୍‌ନୁ ଟ୍ରାକ୍‌ର ସ୍ଥିରତା, ଦୀର୍ଘାୟୀ ସହେତେ ନିରାପତା ବଡ଼୍‌ବା । ଇତାର୍‌ସହେତେ ରକ୍ଷଣାବେକ୍ଷଣ ଖର୍ଚ୍ଚା ଭିଲ୍ କମ୍‌ବା ବଲି ଜନାପଡ଼ିଛେ ।

ଗୌରବ୍        ଆର୍‌ଏନ୍‌ୟୁ / ସମ୍ବଲପୁର

ବାଲେଶ୍ୱର୍ ଚାନ୍ଦିପୁର୍‌ର ପ୍ରତିରକ୍ଷା ଗବେଷଣା ଆଉ ବିକାଶ୍ ସଂଗଠନ୍- ଡିଆର୍‌ଡିଓ ପରିସର୍‌ନୁ ସ୍ୱଦେଶୀ ଜ୍ଞାନ୍ କୌଶଲ୍‌ଥି ତିଆର୍ ହେଇଥିବା ଦୂରଗାମୀ ଗ୍ଲାଇଡ୍ ବୋମା- ଗୌରବ୍‌ର ବିମାନ୍ ପରୀକ୍ଷଣ୍ ଗଲାକାଏଲ୍ ସଫଲ୍ ହେଇଛେ । ଡିଆର୍‌ଡିଓ ଆର୍ ଭାରତୀୟ ବାୟୁସେନାର ମିଲିତ ଚେଷ୍ଟାଥି ଇ ପରୀକ୍ଷଣ କରାଯାଇଥିଲା । ହଜାରେ କେଜିର ଇ ଗ୍ଲାଇଡ୍ ବୋମା ଭାରତୀୟ ବାୟୁସେନାର ଯୁଦ୍ଧ ବିମାନ୍ ସୁଖୋଇ - ୩୦ ନୁ ଛଡ଼ାଯିବାର୍ ଉତ୍‌ରୁ ଧାରିଜ୍ ସମିଆଥି ଧାମ୍‌ରାର୍ ହ୍ୱିଲର୍ ଦ୍ୱୀପ ନ ଥିବା ଲକ୍ଷ୍ୟସ୍ଥଲ୍‌କେ ଭେଦ କରିଥିଲା ।

ମିଶନ୍ ଶକ୍ତି- ତିରଙ୍ଗା          ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ମିଶନ୍ ଶକ୍ତିର ମା' ମାନେ ୫୪ ଲାଖ୍ ତିରଙ୍ଗା ତିଆର୍ କରିଛନ୍ । ଅଗଷ୍ଟ ମାସ ଶେଷ୍‌ତକ୍ ସବୁ ତିରଙ୍ଗା ବାଂଟ୍‌ବାର୍ ଲାଗି ଦିଆଯିବା ବଲି ମିଶନ୍ ଶକ୍ତି ବିଭାଗ୍‌ର କମିଶନର୍ ଆର୍ ଶାସନ୍ ସଚିବ ଶାଲିନୀ ପଣ୍ଡିତ୍ କହିଛନ୍ ।

ରାଜା ଅନୁପ୍ ସିଂହଦେଓ ମେମୋରିଆଲ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ

ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ହାଇସ୍କୁଲ୍ ପଡ଼ିଆଠାନେ ୧୫ ନମ୍ବର୍ ରାଜା ଅନୁପ୍ ସିଂହଦେଓ ମେମୋରିଆଲ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ର ୨ ନମ୍ବର୍ ସେମିଫାଇନାଲ୍ ମେଚ୍ ଗଲାକାଏଲ୍ ହେଇଯାଇଛେ । ଇ ମେଚ୍ ଖଡ଼ିଆଲ୍ ଆର୍ ଜୋରାବନ୍ଧା ଦଲ୍ ଭିତ୍‌ରେ ଖେଲାଯାଇଥିଲା । ଖଡ଼ିଆଲ୍ ଦଲ୍ ୨-୧ ଗୋଲ୍‌ଥି ଜିତିକରି ଫାଇନାଲ୍‌ଥି ପୁହୁଁଚିଛେ । ଆଏବା କାଏଲ୍ ଫାଇନାଲ୍ ମେଚ୍ ହେବା ବଲି ସୂଚ୍‌ନା ମିଲିଛେ ।

ପାଣିପାଗ / ହୀରାକୁଦ୍ ଜଲ୍‌ଭଣ୍ଡାର୍   ଆର୍‌ଏନ୍‌ୟୁ / ସମ୍ବଲପୁର

ବଙ୍ଗୋପ୍ସାଗର୍ ନ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେଇଛେ । ଇତାର୍‌ବଲେ ଆଏଜ୍ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା, ବର୍‌ଗଡ୍, ଦେବ୍‌ଗଡ୍, ଅନୁଗୁଲ୍ ବାଗିର୍ ଜିଲ୍ଲାମାନ୍‌କେ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଲିଛେ ।